# NATIONAL NEWS BULLETIN (ODIA)

**16 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପାକିସ୍ତାନ ବିପକ୍ଷରେ ୧୯୭୧ ଯୁଦ୍ଧ ବିଜୟକୁ ସ୍ମରଣ କରି ଆଜି ଦେଶ ପାଳନ କରୁଛି ବିଜୟ ଦିବସ ।

- ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ୧୨୫ ଦିନର କର୍ମନିୟୋଜନ ବ୍ୟବସ୍ଥା ସହ ଲୋକସଭାରେ ଆଗତ ହେଲା ରୋଜଗାର ଓ ଆଜିବିକା ଅଭିଯାନ ଗ୍ରାମୀଣ ବିଧେୟକ ।

- ଜୋର୍ଡାନ ଗସ୍ତ ଅବସରରେ ଉଭୟ ଦେଶ ମଧ୍ୟରେ ଆର୍ଥିକ ଭାଗିଦାରୀକୁ ଆହୁରି ଦୃଢ଼ କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

- ମଥୁରାରେ ସଡ଼କ ଦୁର୍ଘଟଣାରେ ୧୩ ମୃତ, ୭୦ ଆହତ ।

ଏବଂ

- ୧୯ ବର୍ଷରୁ କମ୍ ଏସିଆ କପ୍ ୨୦୨୫ରେ ଭାରତ ଏବଂ ମାଲେସିଆ ମଧ୍ୟରେ ଖେଳ ଜାରି ।

# ପ୍ରେସ୍-ବିଜୟ ଦିବସ

୧୯୭୧ ମସିହାରେ ପାକିସ୍ତାନ ବିପକ୍ଷରେ ଭାରତର ଯୁଦ୍ଧ ବିଜୟକୁ ସ୍ମରଣ କରି ଆଜି ବିଜୟ ଦିବସ ପାଳନ କରାଯାଉଛି । ଦେଶ ପାଇଁ ସର୍ବୋଚ୍ଚ ବଳୀଦାନ ଦେଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ଏହି ବିଜୟ ଦେଶବାସୀଙ୍କୁ ପ୍ରେରଣା ପ୍ରଦାନ କରିଥାଏ ।

୧୯୭୧ ମସିହା ଆଜିର ଦିନରେ ପାକିସ୍ତାନୀ ସେନାର ମୁଖ୍ୟ ଜେନେରାଲ୍ ଏ.ଏ. ଖାନ୍ ନିଆଦି ୯୩ ହଜାର ସୈନିକଙ୍କ ସହିତ ଭାରତୀୟ ସେନା ଏବଂ ମୁକ୍ତି ବାହିନୀକୁ ନେଇ ଗଠିତ ମିତ୍ର ବାହିନୀ ନିକଟରେ ନିସର୍ତ୍ତ ଆତ୍ମସମର୍ପଣ କରିଥିଲା । ଯୁଦ୍ଧର ପରିଣାମ ସ୍ୱରୂପ ପୂର୍ବ ପାକିସ୍ତାନ ବାଂଲାଦେଶ ରାଷ୍ଟ୍ରରେ ପରିଣତ ହୋଇଥିଲା ।

ଅଦମ୍ୟ ସାହସ ଏବଂ ବଳିଦାନରେ ୧୯୭୧ ଯୁଦ୍ଧରେ ଭାରତର ଐତିହାସିକ ବିଜୟକୁ ସୁନିଶ୍ଚିତ କରିଥିବା ବୀର ଜବାନ ମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି, ସୈନିକମାନଙ୍କର ମାତୃଭୂମି ପ୍ରତି ଅତୁଳନୀୟ ଭକ୍ତି, ସାହସ ଓ ବୀରତ୍ୱ ଦେଶକୁ ସର୍ବଦା ଗର୍ବ ଆଣିଦେଇଛି । ସେମାନଙ୍କର ଦେଶପ୍ରେମ ଭାରତର ଲୋକଙ୍କୁ ପ୍ରେରଣା ଯୋଗାଇବ । ରାଷ୍ଟ୍ରପ୍ରତି କହିଛନ୍ତି ସ୍ୱଦେଶୀକରଣ ମାଧ୍ୟମରେ ଭାରତୀୟ ସେନାର ସଶକ୍ତିକରଣ ପଦକ୍ଷେପ ଭବିଷ୍ୟତର

ଆହ୍ୱାନଗୁଡ଼ିକ ପାଇଁ ପ୍ରସ୍ତୁତ ରହିବାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଅପରେସନ ସିନ୍ଦୂରରେ ସେନାର ଆତ୍ମନିର୍ଭରଶୀଳତା, ରଣନୈତିକ ସଂକଳ୍ପ ଏବଂ ଆଧୁନିକ ଯୁଦ୍ଧକୌଶଳର ପ୍ରଭାବଶାଳୀ ବ୍ୟବହାର ପ୍ରଦର୍ଶିତ ହୋଇଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ସେହିପରି ସାମାଜିକ ଗଣମାଧ୍ୟମରେ ଉପରାଷ୍ଟ୍ରପତି କହିଛନ୍ତି ସଶସ୍ତ୍ରବାହିନୀର ବୀରତ୍ୱ ପାକିସ୍ତାନ ବିରୋଧରେ ଏକ ନିର୍ଣ୍ଣାୟକ ବିଜୟ ଆଣିଥିଲା । ଏହି ଯୁଦ୍ଧ ନ୍ୟାୟ ଏବଂ ସ୍ୱାଧୀନତା ପ୍ରତି ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲା ଏବଂ ଭାରତୀୟ ସ୍ଥଳସେନା, ବାୟୁସେନା ଏବଂ ନୌସେନା ଅତୁଳନୀୟ ବୃତ୍ତିଗତ ଦକ୍ଷତାକୁ ପ୍ରଦର୍ଶିତ କରିଥିଲା ।

୧୯୭୧ ଯୁଦ୍ଧର ସାହସୀ ସୈନିକମାନଙ୍କ ବଳିଦାନକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସେମାନଙ୍କ ଦୃଢ଼ ସଂକଳ୍ପ ଏବଂ ନିଃସ୍ୱାର୍ଥପର ସେବା ଦେଶକୁ ସୁରକ୍ଷିତ ରଖିଥିଲା ଏବଂ ଭାରତର ଇତିହାସରେ ଏକ ଗୌରବମୟ ମୁହୂର୍ତ୍ତ ସୃଷ୍ଟି କରିଥିଲା । ସୈନିକମାନଙ୍କର ଏହି ଦିନର ବୀରତ୍ୱକୁ ଅଭିବାଦନ ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସେମାନଙ୍କ ଏହି କାର୍ଯ୍ୟ ଭାରତୀୟ ପୀଢ଼ିକୁ ସବୁଦିନ ପାଇଁ ପ୍ରେରଣା ଯୋଗାଇଛି ।

ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଢ଼ାଲ ଭାବେ କାର୍ଯ୍ୟ କରୁଥିବା ଏହି ବିଜୟ ବିଶ୍ୱବ୍ୟାପୀ ମାନବତାର ସୁରକ୍ଷା ପାଇଁ ଏକ ଦୃଷ୍ଟାନ୍ତମୂଳକ ନମୂନା ଉପସ୍ଥାପନ କରିଛି । ଭାରତୀୟ ସଶସ୍ତ୍ର ବାହିନୀର ଅତୁଳନୀୟ ସାମରିକ ସାମର୍ଥ୍ୟ ତଥା ବୀରତ୍ୱକୁ ସ୍ୱୀକୃତି ମିଳିଛି ।

ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ସ୍ଥଳସେନା, ନୌସେନା ଏବଂ ବାୟୁସେନା ତ୍ରୁଟିହୀନ ସମନ୍ୱୟରେ କାର୍ଯ୍ୟ କରି ଇତିହାସକୁ ପୁର୍ନଗଠନ କରିଥିଲେ

ଏବଂ ଭାରତର ରଣନୈତିକ ସଂକଳ୍ପକୁ ଦୋହରାଇଥିଲେ । ଜବାନମାନଙ୍କର ବୀରତ୍ୱ, ଶୃଙ୍ଖଳା ଏବଂ ଯୁଦ୍ଧଭାବନା ପୀଢ଼ି ପରେ ପୀଢ଼ି ପ୍ରେରଣା ଯୋଗାଇବ ଏବଂ ଜାତୀୟ ଇଚ୍ଛାଶକ୍ତିକୁ ମଜଭୁତ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ।

ବିଜୟ ଦିବସ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଆଜି ନୂଆଦିଲ୍ଲୀସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ତାଙ୍କ ସହିତ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ - ସିଡିଏସ୍ ଜେନେରାଲ ଅନୀଲ ଚୌହ୍ୱାନ, ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ଏ.ପି.ସିଂହ ଏବଂ ନୌସେନା ମୁଖ୍ୟ ଦୀନେଶ କେ. ତ୍ରିପାଠୀ ଯୋଗ ଦେଇଥିଲେ ।

# ଲୋକସଭା ବିଲ୍

ଲୋକସଭାରେ ଆଜି ପ୍ରଥମାର୍ଦ୍ଧରେ ଦୁଇଟି ବିଧେୟକ ଆଗତ କରାଯାଇଛି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜିବିକା ଅଭିଯାନ ଗ୍ରାମୀଣ ବିଧେୟକ ଲୋକସଭାରେ ଉପସ୍ଥାପନ କରିଥିଲେ । ୨୦ବର୍ଷ ପୂର୍ବେ ପ୍ରଚଳିତ ହୋଇଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ମନରେଗା ବଦଳରେ ଏହି ବିଧେୟକ ଆଗତ କରାଯାଇଛି । ଏଥିରେ ବିକଶିତ ଭାରତ-୨୦୪୭କୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବର୍ଷ ଗ୍ରାମୀଣ ପରିବାର ଗୁଡ଼ିକପାଇଁ ୧୨୫ ଦିନର କର୍ମନିୟୋଜନ ବ୍ୟବସ୍ଥା କରାଯାଇଛି । ବିଧେୟକ ଆଗତ ହେବା ସମୟରେ ବିରୋଧୀଦଳ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ । ଶ୍ରୀ ଚୌହ୍ୱାନ କହିଛନ୍ତି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ସାମାଜିକ

ସୁରକ୍ଷା, ଯୋଗାଯୋଗ ବ୍ୟବସ୍ଥା, ଡିଜିଟାଲ ସୁଦୃଢ଼ୀକରଣ ଭଳି ଲକ୍ଷ୍ୟ ପୂରଣ ପାଇଁ ଏହି ବିଧେୟକରେ ବ୍ୟବସ୍ଥା ରଖାଯାଇଛି ।

ଲୋକସଭାରେ ଆଜି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ 'ସବ୍ କା ବୀମା, ସବ୍ କୀ ରକ୍ଷା' ସଂଶୋଧନ ବିଧେୟକ ଆଗତ କରିଛନ୍ତି । ଏହି ବିଧେୟକରେ ବୀମା ଅଧିନିୟମ ୧୯୩୮, ଜୀବନ ବୀମା ନିଗମ ଅଧିନିୟମ ୧୯୫୬ ଏବଂ ବୀମା ପରିଚାଳନା ପ୍ରାଧିକରଣ ଅଧିନିୟମ ୧୯୯୯ରେ ସଂଶୋଧନ କରାଯାଇଛି । ବିଲ୍‌କୁ ବିରୋଧ କରି ବିରୋଧୀ ଡିଏମ୍‌କେ ଏବଂ ଟିଏମ୍‌ସି ହଟ୍ଟଗୋଳ ସୃଷ୍ଟି କରିଥିବା ଜଣାପଡିଛି ।

## ଏଲ୍‌ଏସ୍-ରୁରାଲ ରୋଡ଼୍

ଲୋକସଭାରେ ଆଜି ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ଏପର୍ଯ୍ୟନ୍ତ ୭ଲକ୍ଷ ୮୬ କିଲୋମିଟର ଗ୍ରାମୀଣ ରାସ୍ତା ନିର୍ମାଣ କରାଯାଇଥିବା ସୂଚନା ଦିଆଯାଇଛି । ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶୱାନ କହିଛନ୍ତି ଏହିସବୁ ଗ୍ରାମୀଣ ରାସ୍ତା ନିର୍ମାଣ ପାଇଁ ୩ଲକ୍ଷ ୪୬ ହଜାର କୋଟି ଟଙ୍କା ବ୍ୟୟ କରାଯାଇଛି । ତ୍ରିସ୍ତରୀୟ ବ୍ୟବସ୍ଥାରେ ସଂପୃକ୍ତ ରାସ୍ତାଗୁଡ଼ିକର ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ଉପରେ ଦୃଷ୍ଟି ଦିଆଯାଉଥିବା ସେ ଗୃହକୁ ଜଣାଇଛନ୍ତି । ସେ କହିଛନ୍ତି ଏହି ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଉଭୟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଉପରେ ନ୍ୟସ୍ତ ଅଛି । ୨୦୦୦ ମସିହାରେ ଦେଶରେ ଆରମ୍ଭ ହୋଇଥିବା ପ୍ରଧାମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ସଡ଼କ ଯୋଗାଯୋଗ ନଥିବା ଅଞ୍ଚଳଗୁଡ଼ିକୁ ସବୁଦିନିଆ ରାସ୍ତା ନିର୍ମାଣ ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।

# ଇଣ୍ଡିଆ-ଜୋର୍ଡାନ ବିଜନେସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜୋର୍ଡାନର ରାଜା ଦ୍ୱିତୀୟ ଅବଦୁଲ୍ଲା ଆଜି ଆମ୍ମାନଠାରେ ଭାରତ-ଜୋର୍ଡାନ ବ୍ୟବସାୟିକ ମଞ୍ଚକୁ ମିଳିତଭାବେ ସମ୍ବୋଧିତ କରିଛନ୍ତି । ଉଭୟ ନେତା ଦୁଇଦେଶ ମଧ୍ୟରେ ଆର୍ଥିକ ସହଯୋଗରେ ପରିବର୍ତ୍ତନ ଆଣିବା ଲାଗି ମହତ୍ୱାକାଂକ୍ଷୀ ଯୋଜନା ଉପରେ ଆଲୋକପାତ କରିଥିଲେ । ଏହି ମଞ୍ଚରେ ଉଭୟପକ୍ଷର ଅଗ୍ରଣୀ ବ୍ୟବସାୟୀ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ସାର ଏବଂ ବୟନଶିଳ୍ପ ଭଳି କ୍ଷେତ୍ରର ଉଚ୍ଚସ୍ତରୀୟ ବ୍ୟବସାୟିକ ପ୍ରତିନିଧି ତଥା ଅକ୍ଷୟଶକ୍ତି, ସୂଚନା ପ୍ରଯୁକ୍ତି ଏବଂ ସ୍ୱାସ୍ଥ୍ୟକ୍ଷେତ୍ର ସମେତ ସହଯୋଗର ନୂତନ କ୍ଷେତ୍ରଗୁଡ଼ିକ ସାମିଲ ହୋଇଥିଲେ । ଏହି ମଞ୍ଚ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାଗିଦାରି ଏବଂ ମିଳିତ ନିବେଶ ବିଷୟରେ ଆଲୋଚନା କରିବାର ଏକ ସୁଯୋଗ ବୋଲି ରାଜା ଅବଦୁଲ୍ଲା ମତବ୍ୟକ୍ତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ପ୍ରଶଂସା କରିଥିଲେ ।

ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ କରି ରାଜା କହିଥିଲେ ଜୋର୍ଡାନ ଏବଂ ଭାରତ ମଧ୍ୟରେ ଆର୍ଥିକ ଏବଂ ନିବେଶ ସହଯୋଗ ବୃଦ୍ଧି କରିବାରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ସଫଳ ପ୍ରମାଣିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବହୁ ଅଭିବୃଦ୍ଧି ହାସଲ କରିଛି ଏବଂ ଜୋର୍ଡାନର ଆର୍ଥିକ ଭାଗିଦାରିକୁ ଆହୁରି ଉଚ୍ଚ ସୋପାନକୁ ନେବାପାଇଁ କାର୍ଯ୍ୟ କରିବୁ ବୋଲି ରାଜା ଅବଦୁଲ୍ଲା କହିଥିଲେ ।

ମଞ୍ଚରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, ଭାରତ ହେଉଛି ଜୋର୍ଡାନର ତୃତୀୟ ସର୍ବବୃହତ୍ ବାଣିଜ୍ୟିକ ଅଂଶୀଦାର । ଐତିହାସିକ ବାଣିଜ୍ୟ ସମ୍ପର୍କକୁ ମନେପକାଇ ପ୍ରଧାନମନ୍ତ୍ରୀ କହିଥିଲେ, ବାଣିଜ୍ୟ ମାର୍ଗ ପେଟ୍ରା ଦେଇ ଗୁଜୁରାଟକୁ ୟୁରୋପ ସହିତ ସଂଯୋଗ କରୁଥିଲା । ଏହି ସମ୍ପର୍କକୁ ପୁର୍ନଜୀବିତ କରିବା ସହ ଆମର ସହଭାଗି ଭବିଷ୍ୟତ ସମୃଦ୍ଧିକୁ ରୂପ ଦେବାରେ ଏହି ମଞ୍ଚ ପ୍ରମୁଖ ଭୂମିକା ଗ୍ରହଣ କରିବ ।

**V/O (PM)**

ଏହି ମଞ୍ଚରେ ଭାରତ ଏବଂ ଜୋର୍ଡାନର ବାଣିଜ୍ୟ ସଂଗଠନଗୁଡ଼ିକ ମଧ୍ୟରେ ଅନେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି ।

# ମଥୁରା-ଆକ୍ସିଡେଣ୍ଟ

ମଥୁରାରେ ଆଜି ସକାଳେ ଏକାଧିକ ବସ୍ ଦୁର୍ଘଟଣାରେ ୧୩ଜଣଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ୭୦ଜଣ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ଯମୁନା ଏକ୍ସପ୍ରେସ୍ ୱେର ମଥୁରା ବଳଦେବ ଅଞ୍ଚଳରେ ବସ୍‌ଗୁଡ଼ିକ ଦୁର୍ଘଟଣାର ସମ୍ମୁଖୀନ ହେବାପରେ ଅଗ୍ନିକାଣ୍ଡ ସୃଷ୍ଟି ହୋଇଥିଲା । ଘନ କୁହୁଡି ଯୋଗୁଁ ଦୁର୍ଘଟଣା ଘଟିଥିବା ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି । ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯାଇଥିଲା । ପାହାନ୍ତା ପ୍ରହରରେ ଦୁର୍ଘଟଣା ଘଟିଥିବାରୁ ଅନେକ ଯାତ୍ରୀ ବାହାରକୁ ବାହାରି ପାରିନଥିଲେ ।

# ମେକ୍ସିକୋ ଏୟାର କ୍ରାସ୍

ମେକ୍ସିକୋର ସାନ୍ ମାତେଓ ଆତେନ୍‌କୋ ରାଜ୍ୟର ପୌରାଞ୍ଚଳରେ ଏକ ବିମାନ ଦୁର୍ଘଟଣାରେ ୭ଜଣଙ୍କର ମୃତ୍ୟୁ ଘଟିଛି । ସ୍ଥାନୀୟ କର୍ତ୍ତୃପକ୍ଷ କହିଛନ୍ତି ତୁଲୁକା ଅନ୍ତର୍ଜାତୀୟ ବିମାନ ବନ୍ଦରଠାରୁ ପ୍ରାୟ ୬ କିଲୋମିଟର ଦୂରରେ ଅବସ୍ଥିତ ତୁଲାକା ପାର୍ବତ୍ୟାଞ୍ଚଳର ପ୍ରମୁଖ ବିମାନ ଚଳାଚଳ କେନ୍ଦ୍ରରେ ଗତକାଲି ଏହି ଦୁର୍ଘଟଣା ଘଟିଥିଲା । ବିମାନରେ ପାଇଲଟ ଏବଂ କୋ-ପାଇଲଟଙ୍କ ସମେତ ୧୦ଜଣ ଥିଲେ । ଏପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ । ଘଟଣାର ତଦନ୍ତ ଜାରି ରହିଛି । ବିମାନରେ ତ୍ରୁଟି ଦେଖାଦେବାରୁ ପାଇଲଟ ଏକ ଫୁଟବଲ ପଡ଼ିଆରେ ସୁରକ୍ଷିତ ଅବତରଣ ପାଇଁ ଚେଷ୍ଟା କରୁଥିବାବେଳେ ଏକ କୋଠାର ଛାତରେ ଧକ୍କା ଖାଇ ଜଳି ଯାଇଥିଲା ।

# ଇଣ୍ଡିଆ-ପାକ୍ ୟୁଏନ୍‌ଏସ୍‌ସି

ମିଳିତ ଜାତିସଂଘର ସୁରକ୍ଷା ପରିଷଦରେ ଭାରତ’ ପାକିସ୍ତାନର ଘରୋଇ-ରାଜନୈତିକ ପରିସ୍ଥିତିକୁ ତୀବ୍ର ସମାଲୋଚନା କରିଛି । ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କୁ ଜେଲ୍ ପଠାଇବା ଏବଂ ୨୭ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଏହାର ସଶସ୍ତ୍ରବାହିନୀକୁ ସାମ୍ବିଧାନିକ ବିଦ୍ରୋହ କରିବାକୁ ଅନୁମତି ଦେଇଥିବାରୁ ଭାରତ ଇସଲାମାବାଦକୁ ଭର୍ତ୍ସନା କରିଛି । ଭାରତ କହିଛି ପାକିସ୍ତାନର ୨୭ତମ ସଂଶୋଧନ ଏହାର ପ୍ରତିରକ୍ଷାବାହିନୀର ମୁଖ୍ୟ ଅସୀମ ମୁନିର୍‌ଙ୍କୁ ଆଜୀବନ ପ୍ରତିରକ୍ଷା ପ୍ରଦାନ କରିଛି ।

ଗତକାଲି ଜାତିସଂଘ ସୁରକ୍ଷା ପରିଷଦରେ 'ଶାନ୍ତି ପାଇଁ ନେତୃତ୍ୱ' ପ୍ରସଙ୍ଗ ଉପରେ ଖୋଲା ବିତର୍କରେ ପାକିସ୍ତାନର ଗଣତାନ୍ତ୍ରିକ ସଙ୍କଟ ବିଷୟ ଉଲ୍ଲେଖ କରି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ହରିଶ ପର୍ବଥାନେନି କହିଛନ୍ତି ଶାସକ ରାଜନୈତିକ ଦଳ ଉପରେ ପ୍ରତିବନ୍ଧକ ଲଗାଇବା ଏବଂ ସେନାକୁ ଏତେ କ୍ଷମତା ପ୍ରଦାନ କରିବା ସହିତ ଇମ୍ରାନଙ୍କ କାରାବାସକୁ ସୁଚାଇ ଇସ୍‌ଲାମାବାଦର ଲୋକଙ୍କ ଇଚ୍ଛାକୁ ସମ୍ମାନ କରିବାର ଅନନ୍ୟ ଉପାୟ ରହିଛି ।  ୨୭ତମ ସାମ୍ବିଧାନିକ ସଂଶୋଧନ ବିଲ୍ ପାରିତ କରି ଦେଶର ସାମରିକ ଏବଂ ନ୍ୟାୟିକ ବ୍ୟବସ୍ଥାର ପୁନର୍ଗଠନ ଉଦ୍ଦେଶ୍ୟରେ ଏକ ବ୍ୟାପକ ସଂସ୍କାର ପଦକ୍ଷେପ ଆଣିବାକୁ ପାକିସ୍ତାନର ପ୍ରୟାସକୁ ରାଷ୍ଟ୍ରଦୂତ ପର୍ବଥାନେନି ତୀବ୍ର ସମାଲୋଚନା କରିଥିଲେ ।

# ୧୯ବର୍ଷ କ୍ରିକେଟ୍

ଦୁବାଇର ସେଭେନସ ଷ୍ଟାଡିୟମରେ ଚାଲିଥିବା ୧୯ବର୍ଷରୁ କମ୍ ଏସିଆକପ୍ କ୍ରିକେଟ୍ ଶୃଙ୍ଖଳାର ତୃତୀୟ ଗ୍ରୁପ୍‌ସ୍ତରୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ' ମାଲେସିଆ ପାଇଁ ୪୦୯ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି । ଭାରତ ନିର୍ଦ୍ଧାରିତ ୫୦ଓଭରରେ ୭ଟି ୱିକେଟ୍ ହରାଇ ୪୦୮ରନ୍ ସଂଗ୍ରହ କରିଛି ।

ମାଲେସିୟା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ପକ୍ଷରୁ ଅଭିଜ୍ଞାନ କୁଣ୍ଡୁ ସର୍ବାଧିକ ୨୦୯ରନ୍ କରିଥିବାବେଳେ ବେଦାନ୍ତ ତ୍ରିବେଦୀ ୯୦ ଓ ବୈଭବ ସୂର୍ଯ୍ୟବଂଶୀ ଅର୍ଦ୍ଧଶତକ କରିଛନ୍ତି । ମାଲେସିଆର ମହମ୍ମଦ ଆକ୍ରମ ୫ଟି ୱିକେଟ୍ ଅକ୍ତିଆର କରିଛନ୍ତି ।